# BSKY ପ୍ୟାକେଜ୍ ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

1. **BSKY ଅଧୀନରେ କେତେ ପ୍ୟାକେଜ୍ ଅଛି ।**

ବର୍ତ୍ତମାନ **BSKY** ଅଧୀନରେ ୧୫୮୯ ପ୍ୟାକେଜ୍ ଅଛି । ଆବଶ୍ୟକତା ଅନୁସାରେ ନୂତନ ପ୍ୟାକେଜ୍‌କୁ ଏହି ଯୋଜନାରେ ସାମିଲ କରାଯାଇଥାଏ ।

2. **ଏହି ସମସ୍ତ ପ୍ୟାକେଜ୍ ଅନ୍ତର୍ଗତ ଚିକିତ୍ସା ସୁବିଧା, ମୁଁ ପଞ୍ଜୀକୃତ ହୋଇଥିବା ଡାକ୍ତରଖାନାରେ ପାଇପରିବି କି ?**

୧୫୮୯ ଟି ପ୍ୟାକେଜ୍ ମଧ୍ୟରୁ ୪୬ ଟି ପ୍ୟାକେଜ୍ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ପାଇଁ ସଂରକ୍ଷିତ ଏବଂ ଅନ୍ୟ ୧୫୫ ଟି ପ୍ୟାକେଜ୍ କେବଳ ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା କିମ୍ବା ସରକାରୀ ମେଡିକାଲ୍ କଲେଜ ହସ୍ପିଟାଲରୁ ରେଫରାଲ୍ ହେଲେ ମିଳିପାରିବ । ବାକି ୧୩୮୮ ଟି ପ୍ୟାକେଜ୍ ଅନ୍ତର୍ଗତ ଚିକିତ୍ସା ସୁବିଧା ନିମନ୍ତେ ଯେ କୌଣସି ହିତାଧିକାରୀ ପଞ୍ଜୀକୃତ ଡାକ୍ତରଖାନାକୁ ସିଧାସଳଖ ଯାଇ ପାରିବେ । ପଞ୍ଜୀକୃତ ଡାକ୍ତରଖାନାରେ ଚିକିତ୍ସା କରୁଥିବା ଡାକ୍ତର ଯଦି ତାଙ୍କୁ ପରୀକ୍ଷା କରି ଉପଯୁକ୍ତ ମନେ କରନ୍ତି, ତେବେ ଏହି ୧୩୮୮ଟି ପ୍ୟାକେଜ୍ ଅନ୍ତର୍ଗତ ଚିକିତ୍ସା ସହାୟତା ଯୋଗାଇ ଦେଇପାରିବେ ।

3. **ସରକାରୀ ଡାକ୍ତରଖାନା ପାଇଁ କେଉଁ ପ୍ରକାରର ପ୍ୟାକେଜ୍ ସଂରକ୍ଷିତ ?**

ସାମାନ୍ୟ ପୋଡା, ସାମାନ୍ୟ ଆଘାତ, ମ୍ୟାଲେରିଆ, ଟାଇଫଏଡ୍ ଜ୍ୱର, ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ୍, ତରଳ ଝାଡା (ଡାଇରିଆ) , ଲାଲ ଝାଡା (ଡିସେନ୍ଟ୍ରି), ବଥ କିମ୍ୱା କୌଣସି ଜାଗାରେ ପୁଜ ଜମିଗଲେ ତାହାର ଚିକିତ୍ସା, ଯକ୍ଷ୍ମା, ମୂତ୍ରନଳୀର ସଂକ୍ରମଣ, ଅଂଶୁଘାତ ଏବଂ ଅଣ୍ଡକୋଷ ବୃଦ୍ଧି(ହାଇଡ୍ରୋସିଲ) ପାଇଁ ଅସ୍ତ୍ରୋପଚାର, ଲାଇପୋମା, ସିଷ୍ଟ ଅସ୍ତ୍ରୋପଚାର. ଡାଇଲେଟେସନ୍, କ୍ୟୁରେଟେଜ ଏବଂ ଅନୁମୋଦିତ ଉପାୟରେ ଗର୍ଭ ନଷ୍ଟ କରିବା ଇତ୍ୟାଦି ସରକାରୀ ଚିକିତ୍ସାଳୟ ପାଇଁ ସଂରକ୍ଷିତ ।

4. **ରେଫରାଲ୍ ପ୍ୟାକେଜ୍ ଅର୍ଥ କ'ଣ ?**

ପଞ୍ଜୀକୃତ ହୋଇଥିବା ଘରୋଇ ଡାକ୍ତରଖାନାରେ ରେଫରାଲ୍ ପ୍ୟାକେଜ୍ ଚିକିତ୍ସା ପାଇବାକୁ ହେଲେ, ସବ୍ ଡିଭିଜନାଲ୍ ହସ୍ପିଟାଲ୍ , ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା କିମ୍ବା ସରକାରୀ ମେଡିକାଲ କଲେଜ ହସ୍ପିଟାଲରୁ ରେଫରାଲ୍ ଆବଶ୍ୟକ ଅଟେ । ଏହି ୧୫୫ ଟି ପ୍ୟାକେଜ୍ ନିମନ୍ତେ ରେଫେରାଲର ଆବଶ୍ୟକତା ରହିଛି । ଉଦାହରଣ ହେଉଛି ଡେଙ୍ଗୁ, ଭାଇରାଲ ହେପାଟାଇଟିସ୍, ନିମୋନିଆ, ଆର୍ଥ୍ରାଇଟିସ୍, ଜଳଶୁଷ୍କତା ସହିତ ବାରମ୍ବାର ବାନ୍ତି ହେବା, ମୋତିଆବିନ୍ଦୁ (Small incision cataract surgery), ଗ୍ଲୁକୋମା, ଅର୍ଶ, ଭଗନ୍ଦର, ମଳକଣ୍ଟକ, ହାର୍ନିଆ, ଗର୍ଭାଶୟର ଅସ୍ତ୍ରୋପଚାର ଇତ୍ୟାଦି ।

5. **ରେଫେରାଲ ପ୍ୟାକେଜ୍ ଅଧୀନରେ ଚିକିତ୍ସା ସୁବିଧା ନିମନ୍ତେ ହିତାଧିକାରୀଙ୍କୁ ପଞ୍ଜିକୃତ ଘରୋଇ ଡାକ୍ତରଖାନାକୁ ପଠାଇଯାଇପାରିବ କି ?**

ନିମ୍ନ ଲିଖିତ ପରିସ୍ଥିତିରେ ଜଣେ ହିତାଧିକାରୀଙ୍କୁ ରେଫେରାଲ ପ୍ୟାକେଜ୍ ଅନ୍ତର୍ଗତ ଚିକିତ୍ସା ସହାୟତା ନିମନ୍ତେ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ପଠାଯାଇପାରିବ ।

କ) ଯଦି ଜିଲ୍ଲାରେ ଥିବା ସରକାରୀ ଡାକ୍ତଖାନାରେ ଏହି ଚିକିତ୍ସାର ସୁବିଧା ନଥିବ ।

ଖ) ଯଦି ଜିଲ୍ଲାର ସରକାରୀ ଡାକ୍ତରଖାନାରେ ଏହି ଚିକିତ୍ସା ସହାୟତା ପାଇଁ ବେଶୀ ସମୟ ଅପେକ୍ଷା କରିବାକୁ ପଡୁଥିବ ।

ଗ) ଯଦି ଜରୁରୀ କାଳୀନ ଚିକିତ୍ସାର ଦରକାର ପଡୁଥିବ ।

**6. ସଡ଼କ ଦୁର୍ଘଟଣା, ଆଘାତ ଏବଂ ହାଡ ଭାଙ୍ଗି ଯାଇଥିଲେ ଜଣେ ହିତାଧିକାରୀ ସିଧାସଳଖ ଏକ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ କି?**

ହଁ। ସଡ଼କ ଦୁର୍ଘଟଣା, ଆଘାତ କିମ୍ବା ହାଡ ଭାଙ୍ଗି ଯାଇଥିଲେ ଜଣେ ହିତାଧିକାରୀ ସିଧାସଳଖ ଚିକିତ୍ସା ପାଇଁ ଏକ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ ।

**7. ଜଣେ ହିତାଧିକାରୀ ହୃଦଘାତ (ମାୟୋକାର୍ଡିଆଲ୍ ଇନଫାର୍କସନ୍)ର ଚିକିତ୍ସା ନିମନ୍ତେ ସିଧାସଳଖ ଏକ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ କି?**

ହଁ । ହିତାଧିକାରୀ ସିଧାସଳଖ ଚିକିତ୍ସା ପାଇଁ ଏକ ପଞ୍ଜୀକୃତ ହୋଇଥିବା ଘରୋଇ ଡାକ୍ତରଖାନାକୁ ଯାଇପାରିବେ, ଯଦି ସେଠାରେ ହୃଦ୍‌ରୋଗର ଚିକିତ୍ସା ଉପଲବ୍ଧ ଥିବ ।

**8. ଡାଏଲିସିସ୍ ପାଇଁ, ରେଫରାଲ୍ ଆବଶ୍ୟକ କି ?**

ନା। ଡାଏଲିସିସ୍ ନିମନ୍ତେ ରେଫରାଲ୍ ଆବଶ୍ୟକ ନୁହେଁ ।

**9. ଜଣେ ହିତାଧିକାରୀ ସିଧାସଳଖ କରୋନାରୀ ଆର୍ଟେରୀ ବାଇପାସ୍ ଗ୍ରାଫ୍ଟିଂ (ସିଏବିଜି ହାର୍ଟ ଅସ୍ତ୍ରୋପଚାର) ପାଇଁ ଏକ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ କି ?**

ହଁ। ହାର୍ଟ ସର୍ଜରୀ (ସିଏବିଜି) ପାଇଁ, ଜଣେ ହିତାଧିକାରୀ ସିଧାସଳଖ ଏକ ପଞ୍ଜୀକୃତ ହୋଇଥିବା ଘରୋଇ ଡାକ୍ତରଖାନାକୁ ଯାଇପାରିବେ। ଏଥି ନିମନ୍ତେ ରେଫରାଲ୍ ଆବଶ୍ୟକ ନୁହେଁ ।

**10. ଜଣେ ହିତାଧିକାରୀ କର୍କଟ ରୋଗର ଚିକିତ୍ସା ପାଇଁ ସିଧାସଳଖ ଏକ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ କି?**

ହଁ। କର୍କଟ ରୋଗର ଚିକିତ୍ସା ପାଇଁ ଜଣେ ହିତାଧିକାରୀ ବିନା ରେଫେରାଲରେ ସିଧାସଳଖ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ ।

**11. କର୍କଟ ରୋଗର ଚିକିତ୍ସା ନିମନ୍ତେ କେମୋଥେରାପି ଏବଂ ରେଡିଓଥେରାପି ପାଇଁ ରେଫରାଲ୍ ଆବଶ୍ୟକ କି ?**

ନା । କର୍କଟ ରୋଗରେ ପୀଡିତ , କେମୋଥେରାପି ଏବଂ ରେଡିଓଥେରାପି ଆବଶ୍ୟକ କରୁଥିବା ହିତାଧିକାରୀମାନେ ବିନା ରେଫରାଲ୍ ରେ ଚିକିତ୍ସା ପାଇଁ ସିଧାସଳଖ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ ।

**12. ଆପେଣ୍ଡିସେକ୍ଟୋମି ଅସ୍ତ୍ରୋପଚାର ପାଇଁ ରେଫରାଲ୍ ଆବଶ୍ୟକ କି ?**

ନା। ଆପେଣ୍ଡିସେକ୍ଟୋମି ନିମନ୍ତେ ରେଫରାଲ୍ ଆବଶ୍ୟକ ନୁହେଁ ।

**13. ହିତାଧିକାରୀମାନେ ସିଧାସଳଖ ସିଜରିଆନ୍ ପ୍ରସବ ଏବଂ ଉଚ୍ଚ-ବିପଦସମ୍ପନ୍ନ ପ୍ରସବ ନିମନ୍ତେ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ କି ?**

ହଁ । ହିତାଧିକାରୀମାନେ ସିଧାସଳଖ ସିଜରିଆନ୍ ପ୍ରସବ ଏବଂ ଉଚ୍ଚ-ବିପଦସମ୍ପନ୍ନ ପ୍ରସବ ପାଇଁ ପଞ୍ଜୀକୃତ ହୋଇଥିବା ଡାକ୍ତରଖାନାକୁ ଯାଇପାରିବେ । ଏଥି ନିମନ୍ତେ ରେଫରାଲ୍ ଆବଶ୍ୟକ ନୁହେଁ।

**14. ଘରୋଇ ପଞ୍ଜୀକୃତ ଡାକ୍ତରଖାନାରେ କୋଭିଡ୍ 19 ର ନିଦାନ ଏବଂ ଚିକିତ୍ସା ପାଇଁ BSKY ଅଧୀନରେ ପ୍ୟାକେଜ୍ ଅଛି କି ?**

ହଁ, ଆରଟିପିସିଆର ପରୀକ୍ଷା, ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ଏବଂ କୋଭିଡ୍ 19 ଚିକିତ୍ସା ପାଇଁ BSKY ଅଧୀନରେ ପ୍ୟାକେଜ୍ ଅଛି । ହିତାଧିକାରୀମାନେ ସିଧାସଳଖ ପରୀକ୍ଷା ନିରୀକ୍ଷା ଏବଂ ଚିକିତ୍ସା ପାଇଁ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ ଯାଇପାରିବେ, ଯେଉଁଠାରେ ଏହି ସୁବିଧାଉପଲବ୍ଧ ।

15. **BSKY ପ୍ୟାକେଜ୍ ଅଧୀନରେ କିଡନୀ ପ୍ରତିରୋପଣ ଅସ୍ତ୍ରୋପଚାର ଉପଲବ୍ଧ କି ?**

ହଁ, ବିଏସକେୱାଇ ପ୍ୟାକେଜ୍ ଅଧୀନରେ କିଡନୀ ପ୍ରତିରୋପଣ ଅସ୍ତ୍ରୋପଚାର ଉପଲବ୍ଧ ।

16. **ମୁଁ କିପରି ଜାଣିପାରିବି ଯେ କେଉଁ ପ୍ୟାକେଜ୍ ରେଫରାଲ୍ / ସଂରକ୍ଷିତ ପ୍ୟାକେଜ୍ ଅଧୀନରେ ଆସୁଛି ?**

ପ୍ୟାକେଜ୍ ସମ୍ବନ୍ଧୀୟ ସମସ୍ତ ସୂଚନା www.bsky.odisha.gov.in ୱେବ୍ ସାଇଟ୍ ରେ ଉପଲବ୍ଧ ।

17. **ପ୍ୟାକେଜ୍ ମୂଲ୍ୟରେ କେଉଁ ପ୍ରକାରର ସେବାଗୁଡିକ ଅନ୍ତର୍ଭୁକ୍ତ ହୋଇଛି ?**

ପ୍ୟାକେଜ୍ ମୂଲ୍ୟରେ ରେଜିଷ୍ଟ୍ରେସନ୍ ଦେୟ, ଶଯ୍ୟା / ଇଣ୍ଟେନସିଭ୍ କେୟାର୍ ୟୁନିଟ୍ (ଆଇସିୟୁ) ଦେୟ, ନର୍ସିଂ ଏବଂ ବୋର୍ଡିଂ ଦେୟ, ସର୍ଜନ/ ନିଶ୍ଚେତକ/ ଡାକ୍ତରୀ ପରାମର୍ଶ ଦେୟ, ନିଶ୍ଚେତକ / ରକ୍ତ ଟ୍ରାନ୍ସଫ୍ୟୁଜନ୍ / ଅମ୍ଳଜାନ/ ଅପରେସନ୍ ଥିଏଟର ସମ୍ବନ୍ଧୀୟ ଖର୍ଚ୍ଚ , ଔଷଧ ସମ୍ବନ୍ଧୀୟ ଖର୍ଚ୍ଚ , ରୋଗୀଙ୍କୁ ଖାଦ୍ୟ, ହସ୍ପିଟାଲରେ ଭର୍ତ୍ତୀ ହେବାର ପୂର୍ବରୁ (ପରାମର୍ଶ ପାଇଁ ଦେୟ, ଡାଇଗ୍ନୋଷ୍ଟିକ୍ ଏବଂ ଔଷଧ ପାଇଁ ଦେୟ) ଏବଂ ଚିକିତ୍ସା ପରେ (ଡିସଚାର୍ଜ ପରର 5 ଦିନ ପାଇଁ ଔଷଧ ମୂଲ୍ୟ, ହୋଇଥିବା ଖର୍ଚ୍ଚ), ଡାକ୍ତରଖାନାରେ ଭର୍ତ୍ତି କରିବା ଖର୍ଚ୍ଚ ଏବଂ ଚିକିତ୍ସା ସମ୍ବନ୍ଧୀୟ ଅନ୍ୟ ସମସ୍ତ ଖର୍ଚ୍ଚ ଅନ୍ତର୍ଭୁକ୍ତ । ପ୍ୟାକେଜ୍ ମୂଲ୍ୟ ବ୍ୟତୀତ ରାଜ୍ୟ ସରକାର ଡାକ୍ତରଖାନାରେ ଭର୍ତ୍ତି ସମୟରେ ବ୍ୟବହୃତ ଡିଭାଇସ୍ / ଇମ୍ପ୍ଲାଣ୍ଟର ମୂଲ୍ୟ ମଧ୍ୟ ବହନ କରନ୍ତି ।

18. **ଚିକିତ୍ସା ସମୟରେ ଉପୁଜିଥିବା ଜଟିଳତା ପାଇଁ ମୋତେ ପଞ୍ଜୀକୃତ ଘରୋଇ ଡାକ୍ତରଖାନାକୁ କୌଣସି ଅତିରିକ୍ତ ରାଶି ଦେବାକୁ ପଡିବ କି ?**

ଯଦି ଚିକିତ୍ସା ସମୟରେ କୌଣସି ଜଟିଳତା ସୃଷ୍ଟି ହୁଏ ତେବେ ହିତାଧିକାରୀଙ୍କୁ କୌଣସି ଅତିରିକ୍ତ ମୂଲ୍ୟ ଦେବାକୁ ପଡିବ ନାହିଁ ।ଏହି ଚିକିତ୍ସା ନିମନ୍ତେ ହେଉଥିବା ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତି ଏବଂ ଏଥି ନିମନ୍ତେ ହିତାଧିକାରୀଙ୍କ ପରିବାର ପିଛା ବାର୍ଷିକ 5 ଲକ୍ଷ ଟଙ୍କା ଏବଂ ପରିବାରର ମହିଳା ସଦସ୍ୟଙ୍କ ପାଇଁ ଅତିରିକ୍ତ 5 ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତି ।

19. **ମୁଁ କିପରି BSKY ପଞ୍ଜୀକୃତ ଘରୋଇ ଡାକ୍ତରଖାନା ବିଷୟରେ ସୂଚନା ପାଇପାରିବି ?**

ଓଡ଼ିଶା ମଧ୍ୟରେ ଏବଂ ବାହାରେ ଥିବା BSKY ପଞ୍ଜୀକୃତ ଘରୋଇ ଡାକ୍ତରଖାନାଗୁଡ଼ିକର ତାଲିକା www.bsky.odisha.gov.in ୱେବ୍ ସାଇଟରେ ଉପଲବ୍ଧ ।